# ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ପରିଚାଳନା ଏବେବି ବିପର୍ଯ୍ୟସ୍ତ



**୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ସହରରେ ୭ ବର୍ଷ ହେବ ବିଭିନ୍ନ ବସ୍ତି ଓ ହାଟି ବାସିନ୍ଦାଙ୍କ ଶୌଚ ସୁବିଧା ପାଇଁ ୩୦ ଲକ୍ଷ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟର ପରିଚାଳନାରେ ସୁଧାର ଆସି ପାରିନି । ଗୋଟିଏ ନିର୍ମାଣ ଆରମ୍ଭ ହୋଇନି । ୬ଟିରୁ ୨ଟି ଚାଲିଥିବା ବେଳେ ୪ଟି ଚାଲୁନ । ସହରରେ ଥିବା ୨ଟି ଏସଏଚଜି ୨ଟି ଗୋଷ୍ଠୀ ଶୌଚାଳୟ କେଉଁଠାରେ ପାଣି ଆସୁନି ତ ଆଉ କେଉଁଟି ଖୋଲାମେଲା ଅବସ୍ଥାରେ ସେଭଳି ପଡ଼ି ରହିଛି । ଏଥିରୁ ୨ଟିକୁ ମହିଳା ସ୍ୱୟଂ ସହାୟକ ଦଳକୁ ପରିଚାଳାନା ଦାୟିତ୍ୱ ଦିଆଯାଇଛି ।

ପରିଚାଳନା ପାଇଁ ପ୍ରତ୍ୟେକକୁ ୮ହଜାର ଲେଖାଏଁ ପୌରପାଳିକା ପକ୍ଷରୁ ପ୍ରଦାନ କରାଯାଉଛି । ଏହା ବାଦ୍ ମଧ୍ୟ ଏଗୁଡିକର ପରିଚାଳନା ଠିକରେ ହେଉନଥିବା ଦେଖିବାକୁ ମିଳିଛି । ତହସିଲ କାର୍ଯ୍ୟାଳୟ ଓ ଜିଲ୍ଲା ଟ୍ରେଜରି ପରିସରରେ ଥିବା ୭ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ୨୦୧୮ ମସିହା ଅକ୍ଟୋବର ୧୬ତାରିଖ ଉଦ୍‌ଘାଟନ ଦିନରୁ କାର୍ଯ୍ୟକାରୀ ହୋଇନି । ସେହିପରି ଗାରନାରୀସାହି କୃଷକ ବଜାର ନିକଟରେ ବି ନିର୍ମାଣ ହୋଇ ସେଭଳି ପଡ଼ିଛି । ବାଥରୁମ କବାଟ, ଝରକା ଓ ଅନ୍ୟ ସାମଗ୍ରୀ ଚୋରି ହେବାରେ ଲାଗିଛି । ପୌରପାଳିକା ନିକଟରେ ଗୋଷ୍ଠୀ ଶୌଚାଳୟ ଦଳିବା ଅବସ୍ଥାକୁ ପଳାଇ ଆସିଛି । ତାହାକୁ କେହି ପରିଚାଳନା କରୁନାହାନ୍ତି ।

ତେବେ ଏହାକୁ ପୌରପାଳିକାର ସୁଇପର ଓ ସେମାନଙ୍କ ପରିବାରବର୍ଗ ବ୍ୟବହାର କରୁଛନ୍ତି । ୧୫ନମ୍ବର ୱାର୍ଡ ଆସାମ କୋଲାନୀର କିଛି ଦିନ ବ୍ୟବହୃତ ହେବା ପରେ ବନ୍ଦ ହୋଇପଡ଼ିଛି । କେବଳ ଦଶହରାପଡାରେ ଦୁଇଟି କାର୍ଯ୍ୟକାରୀ ହେଉଛି । ଦୁରଦୃଷ୍ଟି ଅଭାବରୁ ଏହି ଗୋଷ୍ଠୀ ଶୌଚାଳୟ ଯେଉଁ ସ୍ଥାନରେ ନିର୍ମାଣ କରାଯାଇଛି ସାମାନ୍ୟ ବର୍ଷା ହେବା ମାତ୍ରକେ ନାଳ ପାଣି ସବୁ ଏହାରି ମଧ୍ୟରେ ପ୍ରବେଶ କରୁଥିବା ବ ଅଞ୍ଚଳବାସୀ କହିଛନ୍ତି । ପରିଚାଳନା ଭାର ମହିଳା ସ୍ୱୟଂ ସହାୟକ ଦଳ ଗୁଡିକ ନେଇ ପୌରପାଳିକା ଠାରୁ ସହାୟତା ରାଶି ନେଇ ରକ୍ଷଣାବେକ୍ଷଣ କରୁ ନାହାନ୍ତି ବୋଲି ପରିଷଦ ବୈଠକରେ ବି ଆଲୋଚନା ହେଉଛି । ଗୋଷ୍ଠୀ ଶୌଚାଳୟ ନାଁରେ ୩୦ଲକ୍ଷର ଟଙ୍କାର ବ୍ୟାପକ ହରିଲୁଟ୍ ହୋଇଛି । ଏହାର ବିଧିବଦ୍ଧ ତଦନ୍ତ କରାଯିବାର ବି ଆବଶ୍ୟକତା ରହିଛି ବୋଲି ଆଇନଜୀବୀ ସନ୍ତୋଷ ମିଶ୍ର ଦାବି କରିଛନ୍ତି । ସମସ୍ତ ଗୋଷ୍ଠୀ ଶୌଚାଳୟର ବର୍ତ୍ତମାନର ସ୍ଥିତାବସ୍ଥା, କାର୍ଯ୍ୟନ୍ୱୟନ ଉପରେ ବିଭାଗୀୟ କର୍ମଚାରୀଙ୍କୁ ଯାଞ୍ଚକରି ରିପୋର୍ଟ ଦେବାକୁ କୁହାଯାଇଛି ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଅଶୋକ କୁମାର କର୍ଣ୍ଣ କହିଛନ୍ତି ।

## ଆଜିର ରାଶିଫଳ

ତାରିଖ ୨୯.୧.୨୦୨୬ | ଗୁରୁବାର- ଏକାଦଶୀ, ନକ୍ଷତ୍ର- ରୋହିଣୀ, ବୃଷଚନ୍ଦ୍ର



| | | |
|---|---|---|
| ମେଷ | : | ଆର୍ଥିକ ଉନ୍ନତି ହେବ । |
| ବୃଷ | : | ଅଘଟଣ ଘଟିପାରେ । |
| ମିଥୁନ | : | ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| କର୍କଟ | : | ଦିନଟି ହସଖୁସିରେ କଟିବ । |
| ସିଂହ | : | ଦିନଟି ଶୁଭଦ ଦିନ ହେବ । |
| କନ୍ୟା | : | ପାରିବାରିକ ଖୁସି ପାରିବେ । |
| ତୁଳା | : | ବନ୍ଧୁଙ୍କ ସହ କଳହ ହୋଇପାରେ । |
| ବିଛା | : | ଦୁର୍ଘଟଣା ଭୟ ରହିଛି । |
| ଧନୁ | : | ପ୍ରୀତି ବୃଦ୍ଧି ପାଇବ । |
| ମକର | : | ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| କୁମ୍ଭ | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ମୀନ | : | କଳହର ସୂତ୍ରପାତ ହେବ । |

# ଭଉଣୀକୁ ବଞ୍ଚାଇବାକୁ ଯାଇ କୂଅକୁ ଡେଇଁଲା ଭାଇ

**ଭୁବନ, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଖୀର ମୂଲ୍ୟ ଦେଇଛି ଭାଇ । ବିପଦରେ ପଡ଼ିଥିବା ଭଉଣୀର ଜୀବନ ବଞ୍ଚାଇଛି ଭାଇ । କୂଅରେ ପଡ଼ି ଜୀବନ ଓ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ଭଉଣୀକୁ ସୁରକ୍ଷା ଦେଇ ଚର୍ଚ୍ଚାର ବିଷୟ ପାଲଟିଛି ନାବାଳକ ଭାଇ । ଶେଷରେ ପରିବାର ଏବଂ ଗାଁ ଲୋକେ ଗଭୀର କୂଅ ଭିତରୁ ଭାଇ ଓ ଭଉଣୀ ଉଦ୍ଧାର କରିଛନ୍ତି । ପାଣି କାଢୁଥିବା ବେଳେ କୂଅରେ ପଡ଼ିଗଲା ଭଉଣୀ । ଉଦ୍ଧାର କରିବାକୁ କୂଅକୁ ଡେଇଁ ଥିଲା ଭାଇ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ବାରୁଆଁ(ବି) ଗ୍ରାମରେ । ଗ୍ରାମର ଶ୍ରୀକାନ୍ତ ପରିଡ଼ାଙ୍କ ନାବାଳିକା ଝିଅ ଲକି ପରିଡ଼ା (୧୩) ନିଜ ଘର ବାଡ଼ି କୂଅରେ ପାଣି କାଢୁଥିବା ସମୟରେ ଅସାବଧାନତା କାରଣରୁ କୂଅରେ ପଡ଼ିଯାଇଥିଲା । ଭଉଣୀ ପଡ଼ିଯିବାର ଦେଖି ଭାଇ ସନ୍ଦୀପ ପରିଡ଼ା (୧୪) ବିଚଳିତ ହୋଇଯାଇଥିଲା । କୂଅର ଗଭୀରତା ବିଷୟରେ ଅଜ୍ଞତା ଥିଲେ ମଧ୍ୟରେ ଭଉଣୀକୁ କିପରି ବଞ୍ଚାଇବ ସେକଥା ହଠାତ୍ ଚିନ୍ତା କରିଥିଲା ଏବଂ କୂଅକୁ ଡେଇଁ ପଡ଼ିଥିଲା । ପ୍ରାୟ ଅଧାଘଣ୍ଟା କାଳ ଭଉଣୀକୁ କୂଅ ମଧ୍ୟରେ ଧରି ରଖିଥିଲା ଭାଇ । ଏସବୁ ଘଟଣାକୁ ଦେଖି ନେଇଥିଲେ ସ୍ଥାନୀୟ ଲୋକେ ।

ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଭୁବନ ଦମକଳ ବାହିନୀକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଉଭୟ ଭାଇ ଓ ଭଉଣୀଙ୍କୁ ଉଦ୍ଧାର କରିଥିଲେ । ଦୁଇ ଜଣଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସରପଞ୍ଚ ବୀଣାପାଣି ସାହୁ ପୀଡିତ ୨ ଜଣଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି । ଭୁବନ ଡାକ୍ତରଖାନାରୁ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳକୁ ସ୍ଥାନାନ୍ତର କରାଯାଇଛି । ତେବେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି । ସ୍ଥାନୀୟ ଲୋକେ ନାବାଳକର ସାହାସକୁ ତୀବ୍ର ପ୍ରଶଂସା କରୁଛନ୍ତି ।

# ମଣ୍ଡି ସମସ୍ୟା ନେଇ ଚାଷୀଙ୍କ ରାସ୍ତାରୋକ

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**



ଧାନ ମଣ୍ଡିରେ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ତିନୋଟି ବ୍ଲକର ଚାଷୀମାନେ ମଙ୍ଗଳଦିନ ଯାଜପୁର-ପାଣିକୋଇଲି ରାସ୍ତାରେ କିଆନାଳୀକୂଳ ଛକରେ ଦୀର୍ଘ ସମୟ ରାସ୍ତାରୋକ କରିବା ସହ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ମଣ୍ଡିରେ ଚାଷୀ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଚାଷୀଙ୍କୁ ଟୋକନ ମିଳିବାରେ ସମସ୍ୟା ଦେଖାଦେଇଛି । ମଣ୍ଡି ଖୋଲିବାକୁ ନେଇ ସମସ୍ୟା ଦେଖା ଦେଇଥିବାବେଳେ ମିଲର ୭/୮ କେଜି ଧାନ କଟନି ଛଟନି କରୁଥିବା ଚାଷୀ ପ୍ରତିବାଦ କରିଥିଲେ। ଜାଣିଶୁଣି ଚାଷୀଙ୍କୁ ଶୋଷଣ କରାଯାଉଛି। ଚାଷୀଙ୍କୁ ମିଳୁଥିବା ଟୋକନ ଅବଧିକୁ ୩୦ ଦିନ ବୃଦ୍ଧି କରାଯାଉ, ଝୋଟ ଅଖା ପରିବର୍ତ୍ତେ ଜରି ଅଖାରେ ଧାନକୁ ମିଲର ଗ୍ରହଣ କରୁ ବୋଲି ଚାଷୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବଜାରରେ ଆବଶ୍ୟକ ପରିମାଣ ଝୋଟ ଅଖା ମିଳୁନଥିବାରୁ ଚାଷୀ ନାହିଁ ନଥିବା ହଇରାଣ ହେଉଛନ୍ତି। ସରକାରଙ୍କ ନିୟମାନୁଯାୟୀ ଗତ ବର୍ଷ ପରି ଚଳିତ ବର୍ଷ ୮ଶହ ଟଙ୍କା ବୋନସ ଓ ଏମ୍‌ଏସ୍‌ପି ୨୩୬୯ ଟଙ୍କାକୁ ମିଶାଇ ମୋଟ ୩୧୬୯ଶହ ଟଙ୍କା କ୍ୱିଣ୍ଟାଲ ପିଛା ପ୍ରଦାନ କରାଯାଉ। ପ୍ରତି ମଣ୍ଡିର ଆବଶ୍ୟକତା ଅନୁଯାୟୀ ମିଲର ନିର୍ଦ୍ଧାରିତ ଦିବସରେ ସମୟ ସୀମା ମଧ୍ୟରେ ଧାନ ଯିବା ପାଇଁ ଟ୍ରକ ଯୋଗାଇ ଦିଆଯାଉ। ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀଙ୍କ ନିୟମକୁ ଜିଲାର ଧାନ ମିଲର ମାଲିକ ମାନୁ ନାହାଁନ୍ତି। ଅଧି ନିୟମ ଅନୁଯାୟୀ ଆଇନଗତ ଭାବେ ଜିଲାପାଳ ଅନ୍ୟ ଜିଲାର ମିଲରଙ୍କୁ ଧାନ କ୍ରୟ କରିବା ପାଇଁ ସୁଯୋଗ ଦେବାକୁ ଚାଷୀ ଅନୁରୋଧ କରିଥିଲେ। ଦୀର୍ଘ ସମୟ ପ୍ରତିବାଦ କଲାପରେ ଘଟଣା ସ୍ଥଳରେ ଯୋଗାଣ ବିଭାଗର କର୍ମକର୍ତ୍ତା ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହ ତାଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଜିଲାପାଳଙ୍କ ସହିତ ଆଲୋଚନା କରି ଚାଷୀଙ୍କ ଦାବି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରତିବାଦ ସ୍ଥଳରେ ଯୋଗାଣ ବିଭାଗ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀଙ୍କ ପ୍ରତିବାଦ ସ୍ଥଳରେ ଦିଗମ୍ବର କର, ଅକ୍ଷୟ ଦାସ, ବିଜୟ ଜେନା, ଗଙ୍ଗାଧର ନାୟକ, ରାଜକିଶୋର ସ୍ୱାଇଁ, ମାୟାଧର ସାହୁ, ପ୍ରଭାତ ପାଣିଗ୍ରାହୀ, ଚନ୍ଦ୍ର ନାରାୟଣ ସାହୁ ସମେତ ଯାଜପୁର, ଦଶରଥପୁର, ବିଞ୍ଝାରପୁର ଅଞ୍ଚଳର ଶତାଧିକ ଚାଷୀ ପ୍ରତିବାଦ କରିଥିଲେ।

# ଜାତୀୟ ରାଜପଥ କଡ଼ରୁ ମୃତଦେହ ଉଦ୍ଧାର

**ସୋର, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ସୋର ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁସାରେ ପଶ୍ଚିମବଙ୍ଗ ହାୱଡା ଜିଲ୍ଲା ଜଗତବଲ୍ଲଭପୁର ଥାନା ପାନ୍ଥିଆଲ ଗ୍ରାମର ଗୌତମ ଦାସ (୫୮) ଭୁବନେଶ୍ୱରରେ ବ୍ୟବସାୟ କରନ୍ତି । ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଯାଇଥିବା ଖବର ପାଇ ଗ୍ରାମକୁ ଫେରୁଥିଲେ । କିନ୍ତୁ ନାୟକବନ୍ଧ ଛକ ନିକଟରେ ରାସ୍ତା ଉପରେ ତାଙ୍କ ମୃତଦେହ ପଡ଼ିଥିବା ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ତାଙ୍କ ନିକଟରେ ଥିବା ମୋବାଇଲକୁ ଜବତ କରିବା ପରେ ତାଙ୍କ ପରିଚୟ ଜାଣିବାକୁ ପାଇଥିଲା । ଫଳରେ ପୁଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବାପରେ ପରିବାର ଲୋକେ ସୋର ଥାନାରେ ପହଞ୍ଚିଥିଲେ । ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୮୦/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ସେ କେଉଁ ପରିସ୍ଥିତିରେ ଏଠାରେ ପଡ଼ିଥିଲେ, କେଉଁଥିରେ ଭୁବନେଶ୍ୱରରୁ ଫେରୁଥିଲେ ତାହା ପୁଲିସ ତଦନ୍ତ କରୁଛି ।

# ବାଣ ଭିଡୁଥିବାବେଳେ ବିସ୍ଫୋରଣ : ଜଣେ ମୃତ, ୨ ଗୁରୁତର

**ବାଲିପାଟଣା, ୨୮।୧ ଏକ୍ସପ୍ରେସ୍ ନ୍ୟୁଜ୍**



ବାଲିପାଟଣା ଥାନା ଅଧୀନସ୍ଥ ନରିଶୋରେ ବେଆଇନ ଭାବେ ଚାଲିଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ହୋଇଛନ୍ତି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସମ୍ପୃକ୍ତ ଘରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ମୃତକ ହେଲେ ଅର୍ଜିନା କାଣ୍ଡି । ସଙ୍କଟାପନ୍ନ ଅବସ୍ଥାରେ ମୁନା ଭୋଇ, ପ୍ରମୋଦ ସାହୁ ଓ ରମେଶ ତିଆଡ଼ିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ଏହା ବାଣ ନୁହେଁ, ବୋମା ଭିଡ଼ିବାବେଳେ ବିସ୍ଫୋରଣ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ତଦନ୍ତ ଜାରି ରହିଥିବାବେଳେ ପୁଲିସ ଏ ନେଇ କିଛି ସ୍ପଷ୍ଟ କରିନାହିଁ । ଘଟଣାସ୍ଥଳରେ ନିଆଳି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ସକାଳୁ ବନମାଳୀପୁର ଫାଣ୍ଡି ପୁଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ କରୁଛି । ବାଣ କାରଖାନା ନିକଟରେ ଥିବା ଘର ଭାଙ୍ଗି ରୁଜି ଯାଇଛି । ପଡୋଶୀ ଆତଙ୍କିତ ହୋଇ ପଡିଛନ୍ତି । ଘଟଣାସ୍ଥଳରେ ବହୁ ସାମଗ୍ରୀ ଜଳି ପାଉଁଶ ହୋଇ ଯାଇଛି । ବାଣରେ ବ୍ୟବହୃତ ସୁତୁଲି, ବାରୁଦ, କାଗଜ ପାଇପ, ମାଟି ଘଡି, ଓଜନ ମାପ ଯନ୍ତ୍ର ସବୁ କିଛି ଜଳିଯାଇଛି । ଘର ଆଜବେଷ୍ଟ ବହୁ ଦୂର ପର୍ଯ୍ୟନ୍ତ ଛିଟିକି ପଡିଛି । ଗାଁରେ କୋକୁଆ ଭୟ ଖେଳି ଯାଇଛି । ତେବେ ଗାଁ ଭିତରେ ବାଣ ବେଆଇନ ବାଣ କାରଖାନା ଦୀର୍ଘ ଦିନ ହେବ ଚାଲୁଥିଲା । ଗତକାଲି ରାତିରେ ବିସ୍ଫୋରଣରେ ମାଇଲ ମାଇଲ ଦୂର ପର୍ଯ୍ୟନ୍ତ ଥରି ଥିଲା ନିକଟରେ ଥିବା ଘର ଜଳି ପାଉଁଶ ହୋଇଯାଇଛି । ଘଟଣାସ୍ଥଳରେ ବହୁ ବାଣ ଭିଡା ସାମଗ୍ରୀ ଏବଂ ବ୍ୟବହୃତ ହାତ ହତିଆର ପଡିଛି । ପାଖରେ ଥିବା ଘର ଭାଙ୍ଗି ଯାଇଛି । ୨ ଗୁରୁତର, ଜଣେ କଟକ ଏବଂ ଭୁବନେଶ୍ୱର ହସ୍ପିଟାଲ ସ୍ଥାନାନ୍ତର ହୋଇଥିବା ଜଣାପଡିଛି ।

# ଅଗ୍ନିକାଣ୍ଡରେ ଜଳିଗଲା ଘର

**ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଚାହୁଁ ଚାହୁଁ ଜଳିଗଲା ୩ ବଖରା । ୩ଲକ୍ଷରୁ ଅଧିକ ଟଙ୍କାର ଆସବାବପତ୍ର ସହ ନଗଦ ୫୦ ହଜାର ଟଙ୍କା ପାଉଁଶରେ ପରିଣତ ହୋଇଗଲା। ନିଆଁକୁ ଲିଭାଇବାକୁ ଯାଇ ଗୁରୁତର ଆହତ ହୋଇଛନ୍ତି ଘରର ମାଲିକ । ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ ତରଟୋଟା ଗ୍ରାମର ପଞ୍ଚାନନ ମହାପାତ୍ରଙ୍କ ଘରେ। ଗତ ସୋମବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ତୁରନ୍ତ ପଦାକୁ ବାହାରି ଆସିଥିଲେ। ପଞ୍ଚାନନଙ୍କ ଘରକୁ ଲାଗି ଏକ ଗ୍ରୋସରୀ ଦୋକାନ ମଧ୍ୟ ଅଛି। ଦୋକାନ ଗୃହରେ ମଧ୍ୟ ନିଆଁ ଲାଗି ଯିବାରୁ ଦୋକାନର ପଇସା ବାକ୍ସରେ ନଗଦ ୫୦ହଜାର ଟଙ୍କା ଜଳି ଯାଇଥିବା କଥା ପଞ୍ଚାନନ କହିଛନ୍ତି। ପଞ୍ଚାନନ ନିଜ ଜୀବନକୁ ବାଜିରେ ଲଗାଇ ଘର ଭିତରୁ କିଛି ଅମଳ ଧାନ ଓ ଗାଈଗୋରୁଙ୍କୁ ଉଦ୍ଧାର କରିବା ସମୟରେ ସେ ମଧ୍ୟ ଗୁରୁତର ଆହତ ହୋଇ ନିକଟସ୍ଥ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଅଗ୍ନିଶମ ବାହିନୀର ସୁବିଧା ନଥିବା ବେଳେ ଗ୍ରାମବାସୀମାନେ କେବଳ ସଞ୍ଚିତ ପାଣିକୁ ବ୍ୟବହାର କରି ନିଆଁକୁ ଲିଭାବାକୁ ଚେଷ୍ଟା କରିଥିଲେ। ଖବର ପାଇ ବିଞ୍ଝାରପୁର ଅଗ୍ନିଶମବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ପଞ୍ଚାନନଙ୍କ ତିନୋଟି ବଖରା ନିଆଁରେ ପୋଡ଼ି ପାଉଁଶ ହୋଇଯାଇଥିଲା। ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଛି ବୋଲି ଅଗ୍ନିଶମ ବାହିନୀ ସୂଚନା ଦେଇଛନ୍ତି। ଅନ୍ୟପଟରେ ପଞ୍ଚାନନ ଦିନ ମଜୁରିଆ ହୋଇଥିବା ବେଳେ ପରିବାରକୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଗୁହାରି କରିଛନ୍ତି ।

# ଘରେ ଶୋଇଥିବା ବେଳେ ଦୁର୍ବୃତ୍ତଙ୍କ ବୋମାମାଡ଼

**ବ୍ରହ୍ମପୁର, ୨୮।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମରେ ଅଭାବନୀୟ ଘଟଣା । ସୋମବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ ଘର ଉପରକୁ ବୋମାମାଡ଼ ହୋଇଥିଲା । ଖବର ଅନୁସାରେ, ଚିକଲଖଣ୍ଡି ଗ୍ରାମର ଜି. କାମରାଜୁ ରେଡିଙ୍କ ଘର ଉପରକୁ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ । ଘରେ ଜି. କାମରାଜୁ ତାଙ୍କ ପରିବାର ସହ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏଭଳିକାଣ୍ଡ ଘଟାଇଛନ୍ତି । ଘରର ପଛପଟୁ ବୋମାମାଡ଼ କରାଯାଇଥିବା ବେଳେ କାନ୍ଥ ଭାଙ୍ଗି ଯାଇଛି । ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଛି । ଘଟଣାର ଖବର ପାଇ ଛତ୍ରପୁର ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛନ୍ତି । ଘରର ବହୁ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ତିନିଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଅନ୍ୟପଟେ ଏହି ବୋମାମାଡ଼ରେ ଅଧିକ ଶକ୍ତିଶାଳୀ ସାମଗ୍ରୀ ବ୍ୟବହାର କରାଯାଇଥିବା ଅନୁମାନ କରାଯାଉଛି । ମଙ୍ଗଳବାର ସକାଳୁ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ଅଧିକାରୀମାନେ ଆସି ଘଟଣାର ଅଧିକ ତଦନ୍ତ କରୁଛନ୍ତି । ତେବେ କିଏ ଏବଂ କାହିଁକି ବୋମାମାଡ଼ କଲା ତାହାର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ । ଏନେଇ ସାଇଟିଫିକ୍ସ ଟିମ, ରାଜ୍ୟ ବୋମା ନିଷ୍କ୍ରିୟ କାରୀ ଟିମ, ରାଜ୍ୟ ଫୋର ସିକ ବିଜ୍ଞାନ ପରୀକ୍ଷାଗାର ଟିମ ଘଟଣା ସ୍ଥଳ ରେ ପହଁଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହିତ ଯାଞ୍ଚ କରିଛନ୍ତି । ତେବେ ବୋମା ଫୁଟିବା ଦ୍ୱାରା ଏହା ଘଟିଛି ନା କୋଣସି ବିସ୍ଫୋରକ ସାମଗ୍ରୀ ଯୋଗୁଁ ଏପରି ଘଟଣା ଘଟିଛି ତାହା ସଠିକ ଜଣାପଡିନି ।

# ଛେଳି ଚୋରଙ୍କୁ ଧରି ପୋଲିସକୁ ଜିମା ଦେଲେ ଗ୍ରାମବାସୀ

**ବ୍ରହ୍ମପୁର, ୨୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚମାଖଣ୍ଡି ଥାନା ଅନ୍ତର୍ଗତ ଚମାଖଣ୍ଡି ଗ୍ରାମରେ ଛେଳି ଚୋରି କରିବା ବେଳେ ୨ ଜଣ ଚୋରଙ୍କୁ ଧରି ପୋଲିସକୁ ଜିମା ଦେଲେ ଗ୍ରାମବାସୀ । ମିଳିଥିବା ସୂଚନା ମୁତାବକ ଚମାଖଣ୍ଡି ଗ୍ରାମରେ ଦୀର୍ଘ ଦିନ ଧରି ବାଇକ, ପେଟ୍ରୋଲ, ଡିଜେଲ, ଛେଳି ଆଦି ଚୋରି ହେଉଥିଲା । ଗ୍ରାମବାସୀମାନେ ଚୋରକୁ ଧରିବା ପାଇଁ ଯୋଜନା ବଦ୍ଧ ଭାବେ ଜଗି ବସିଥିଲେ । ସୋମବାର ବିଳମ୍ବିତ ରାତ୍ରରେ ଚିକିଟି ଅଞ୍ଚଳରୁ ଦୁଇ ଜଣ ଚୋର ଏକ ସ୍କୁଟି ଯୋଗେ ଆସି ଗ୍ରାମରେ ଛେଳି ଓ ଡିଜେଲ ଚୋରି କରୁଥିବା ବେଳେ ଗ୍ରାମବାସୀମାନେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ପରେ ଚମାଖଣ୍ଡି ଥାନା ପୋଲିସ ପହଞ୍ଚି ଦୁଇ ଜଣ ଚୋରଙ୍କୁ ନେଇଥିଲେ ।

ସୂଚନା ପ୍ରକାରେ, ଦୀର୍ଘ ଦିନ ଧରି ଚୋର ମାନେ ଗ୍ରାମକୁ ଗ୍ରାମ ବୁଲି ପେଟ୍ରୋଲ ଡିଜେଲ ଛେଳି ଭଳି ବିଭିନ୍ନ ଆସ ବାବ ପତ୍ର ଚୋରି କରୁଥିଲେ । ମଙ୍ଗଳବାର ରାତିରେ ସେମାନଙ୍କୁ ଗ୍ରାମବାସୀମାନେ ଧରିଛନ୍ତି । ଏନେଇ ଚମାଖଣ୍ଡି ଥାନାରେ ଏତଲା ରୁଜୁ ହୋଇଛି । ପୋଲିସ ଦୁଇଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଉଛନ୍ତି ।

# ପରିବା ଦୋକାନୀକୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ୫ ଯୁବକ

**ଢେଙ୍କାନାଳ, ୨୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ବିବାଦକୁ କେନ୍ଦ୍ରକରି ଢେଙ୍କାନାଳ ସହରରେ ଜଣେ ପରିବା ବ୍ୟବସାୟୀଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ଦୁର୍ବୃତ୍ତ । ସହରର ବାଜିଚୌକ ସ୍ଥିତ ଦୈନିକ ପରିବା ମାର୍କେଟରେ ଘଟିଛି ଏହି ମରଣାନ୍ତକ ଆକ୍ରମଣ । ଦୁର୍ବୃତ୍ତଙ୍କ ଖଣ୍ଡା ଓ ଭୁଜାଲି ଚୋଟରେ ପରିବା ବ୍ୟବସାୟୀ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ଏସସିବିକୁ ଚିକିତ୍ସାପାଇଁ ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି । ଗୁରୁତର ପରିବା ଦୋକାନୀ ସ୍ଥାନୀୟ ରଗଡି ସାହିର ପାତୁ ଓରଫ ଦିପୁନ ପ୍ରଧାନ ବୋଲି ଜଣାପଡିଛି। କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ମଙ୍ଗଳବାର ସନ୍ଧ୍ୟା ସମୟରେ ଦିପୁନ ପ୍ରଧାନ ପରିବା ଦୋକାନରେ ବସିଥିବା ବେଳେ ଅଚାନକ ୩ଟି ବାଇକରେ ୫ଜଣ ଯୁବକ ହାତରେ ପିସ୍ତଲ, ଖଣ୍ଡା, ଭୁଜାଲି ଓ ଠେଙ୍ଗା ଧରି ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଖଣ୍ଡାରେ ହାଣି ପକାଇବାରୁ ଦିପୁନ ପ୍ରାଣ ବଂଚାଇବା ପାଇଁ ଦୌଡ଼ିଥିଲେ। ତେବେ ତାଙ୍କୁ ଗୋଡ଼ାଇବା ବେଳେ ସ୍ଥାନୀୟ ଲୋକ ଆସିଯିବାରୁ ସେମାନେ ଦୁଇଟି ବାଇକ ଯୋଗେ ପଳାଇଥିଲେ। ଫଳରେ ଦୁର୍ବୃତ୍ତ ଛାଡି ପଳାଇଥବା ଗୋଟିଏ ବାଇକ ରହିଯାଇଛି। ଖବର ପାଇ ଘଟଣାସ୍ଥଳରେ ଟାଉନ ପୁଲିସ ପହଁଚି ବାଇକକୁ ଜବତ କରି ଘଟଣାର ଛାନଭିନ ତଦନ୍ତ କରୁଛି । ତେବେ ଆକ୍ରମଣକାରୀ ମାନେ ଢେଙ୍କାନାଳ ସହରର ଲକ୍ଷ୍ମୀବଜାର ମଲ୍ଲାର ସାହି ଅଞ୍ଚଳର ବୋଲି ପୁଲିସ ସୁରାକ ପାଇଛି । ଉଭୟ ମଲ୍ଲାର ସାହି ଓ ରଗଡି ସାହି ମଧ୍ୟରେ ପୂର୍ବରୁ ମାଡ଼ପିଟ ଯୋଗୁଁ ଶତ୍ରୁତା ରହିଥିବା କାରଣରୁ ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଇଛି ।

# ଖଲ୍ଲିକୋଟ ଷ୍ଟେସନରେ ଫାଲକନାମା ଓ ବିଶାଖାର ରହଣୀକୁ ସ୍ୱାଗତ

**ଖଲ୍ଲିକୋ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଷ୍ଟେସନରେ ଦୁଇ ଦ୍ରୁତଗାମୀ ଟ୍ରେନ ଫାଲୁକୁନାମା ଓ ବିଶାଖାକୁ ରହଣୀ ପାଇଁ ଆସିକା ସାଂସଦ ସ୍ୱାଗତ କରିଥିଲେ । ସ୍ୱାଧୀନତା ପରଠାରୁ ଆସିକା ସଂସଦୀୟ କ୍ଷେତ୍ରର ଏକମାତ୍ର ଖଲ୍ଲିକୋଟ ରେଲଷ୍ଟେସନଟି ଅବହେଳିତ ହୋଇ ରହିଅଛି । ଏଠାରେ ମଙ୍ଗଳବାର ଦୁଇ ଦୁଇଟି ଦ୍ରୁତଗାମୀ ଟ୍ରେନ ଫାଲକନାମା ଓ ବିଶାଖା ପରୀକ୍ଷାମୂଳକ ଭାବେ ରହଣି ହୋଇଥିବା ଜଣାପଡ଼ିଛି । ଖଲ୍ଲିକୋଟ ରେଲଷ୍ଟେସନଟି ବ୍ରିଟିଶ ଅମଳରୁ ନିର୍ମାଣ ହୋଇଥିବା ବେଳେ ଷ୍ଟେସନ୍‌ରେ ଦୀର୍ଘଦିନ ହେଲା ପାଞ୍ଚଟି ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ମଙ୍ଗଳବାର ଦିନ ସଖାଳୁ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକଙ୍କ ଶହ ଶହ ସମର୍ଥକ, ବହୁ ସରପଞ୍ଚ, ସମିତି ସଭ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ମହିଳାଙ୍କ ଉପସ୍ଥିତିରେ ଖଲିକୋଟ ରେଲ ଷ୍ଟେସନଠାରେ ପ୍ରଥମେ ୮.୩୦ମିନିଟରେ ଫାଲକନାମା ଓ ପରେ ୧୦.୩୦ମିନଟ ସମୟରେ ବିଶାଖା ଭଳି ଦୁଇଟି ଦ୍ରୁତଗାମୀ ଟ୍ରେନକୁ ସବୁଜ ପତାକା ହଲାଇ ଟ୍ରେନ ଯାତ୍ରାର ଶୁଭାରମ୍ଭ କରିଥିଲେ । ଆସିକା ସାଂସଦ ଅନିତା ଶୁଭଦର୍ଶିନୀଙ୍କ ଉଦ୍ୟମକ୍ରମେ ଖଲ୍ଲିକୋଟ ରେଲଷ୍ଟେସନରେ ଦୁଇଟି ଟ୍ରେନର ରହଣିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ସାଂସଦ ଅନିତା ଶୁଭଦର୍ଶିନୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭୂରି ଭୂରି ପ୍ରଶଂସଦା କରିବା ସହ ଆଗାମୀ ଦିନରେ କୋଣାର୍କ ଓ ରାଜାରାଣୀ ଭଳି ଦ୍ରୁତଗାମୀ ଟ୍ରେନ ରହଣି ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ସହ ଯୋଗାଯୋଗ କରାଯିବ ବୋଲି ପ୍ରକାଶ କହିଥିଲେ । ଖଲ୍ଲିକୋଟ ରେଳଷ୍ଟେସନର ଦୈର୍ଘ୍ୟକମ ଥିବାରୁ ଦ୍ରୁତଗାମୀ ଟ୍ରେନଗୁଡିକ ରହଣି ପାଇଁ ଅସୁବିଧା ଉପୁଜୁଛି ।

ସେହିପରି ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଷ୍ଟେସନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଚୋରି ଡକାୟତି ରୋକିବା ପାଇଁ ଏକ ଜିଆରପି ଫାଣ୍ଡି ନିର୍ମାଣ ସାଙ୍ଗକୁ ଷ୍ଟେସନର ଆଧୁନିକୀକରଣ କରିବାର ଆବଶ୍ୟକତା ରହିଛି । ପ୍ରକାଶ ଥାଉକି ଆସିକା ସାଂସଦ ରାମଚନ୍ଦ୍ର ରଥ, ନିତ୍ୟାନନ୍ଦ ପ୍ରଧାନ, ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସମେତ ଲଡ୍ଡୁ ସ୍ୱାଇଁ, ପ୍ରମିଳା ବିଷୋୟୀଙ୍କ ଭଳି ସାଂସଦ ଯାଇଥିଲେ ମଧ୍ୟ ଏହି ଷ୍ଟେସନର କୌଣସି ବିକାଶ ହୋଇ ପାରିନଥିଲା । ଏଯାବତ କୌଣସି କେନ୍ଦ୍ରୀୟ ଯୋଜନାର ସୁଫଳ ମିଳିନି । ସର୍ବୋପରି ଅଞ୍ଚଳବାସୀ ବରିଷ୍ଠ ନାଗରିକ ଓ ଖଲ୍ଲି କୋଟ ପ୍ରେସ କ୍ଲବର ଉଦ୍ୟମ କ୍ରମେ ଦୁଇଟି ଦ୍ରୁତଗାମୀ ଟ୍ରେନ ରହିବାର ସୁଯୋଗ ମିଳିଛି । ଉକ୍ତ ଟ୍ରେନ ରହଣି ଅବସରରେ ଖଲ୍ଲିକୋଟ ଅଞ୍ଚଳର ପ୍ରାୟ୧ ହଜାର ଲୋକ ରୁଣ୍ଡ ହୋଇ ହୋଇ ନୂତନ ଟ୍ରେନ ରହଣିକୁ ଶୁଭାରମ୍ଭ କରିଥିଲେ ଟ୍ରେନ ରହଣି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନଥିବା ଯୋଗୁଁ ସାଧାରଣରେ ଆଲୋଚନା ହେଉଛି ଖଲ୍ଲିକୋଟ ବିଜେପିର ଗୋଷ୍ଠୀକନ୍ଦଳ ଦାଣ୍ଡରେ ପଡି ହାଟରେ ଗଡୁଛି ।

# କାମରେ ଆସୁନି ଚରମ୍ପାର ଅମୃତ ପାର୍କ

**ଭଦ୍ରକ, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଭଦ୍ରକ ସହରରେ କାମରେ ଆସୁନି ଚରମ୍ପାର ଅମୃତ ପାର୍କ । ୨୦୧୭ ମସିହାରେ ଅମୃତ ଯୋଜନାରେ 'ଅମୃତ ପାର୍କ' ନିର୍ମାଣ ହୋଇଥିଲା । ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ପାର୍କ ନିର୍ମାଣ କରାଯାଇଥିଲା । ଏହି ପାର୍କ ନିର୍ମାଣ ବେଳେ ଯେଉଁ ଚମକ ଥିଲା ଏବେ ତାହା ମଳିନ ପଡ଼ି ଯାଇଛି । ପାର୍କ ନିର୍ମାଣ ହେଲା ସତ ଏହା ସହରବାସୀଙ୍କ କାମରେ ଆସିଲା ନାହିଁ । ନିମ୍ନମାନର ପାର୍କ ନିର୍ମାଣ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହା ଶ୍ରୀହୀନ ହୋଇପଡିଛି । ଯେଉଁଠି ପାଇଁ ଏହି ପାର୍କ ସହରବାସୀଙ୍କୁ ଆକୃଷ୍ଟ କରିପାରି ନାହିଁ ।

ସହରବାସୀଙ୍କ ଚିତ୍ତବିନୋଦନ ପାଇଁ କେନ୍ଦ୍ରୀୟ ଯୋଜନାରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ହେଲେ ସହରାଞ୍ଚଳରେ ଜାଗା ଜମି ଅଭାବ ଦର୍ଶାଇ ପୌରପାଳିକା ପକ୍ଷରୁ ଯେଉଁ ସ୍ଥାନ ଗୁଡିକ ଚିହ୍ନଟ କରାଗଲା ତାହା ପାର୍କ ପାଇଁ ସୁବିଧା ହେଲା ନାହିଁ । ସେତେବେଳେ ଚରମ୍ପାର ଏହି ଅଞ୍ଚଳକୁ ପାର୍କ ନିର୍ମାଣ ପାଇଁ ଅନୁମୋଦନ କରାଯାଇଥିଲା । ଏହି ପାର୍କ ହେଲା କିନ୍ତୁ ଗମନା ଗମନ ଦୃଷ୍ଟିରୁ ଏହା ସହରବାସୀଙ୍କ ପାଇଁ ସୁବିଧା ହେଲା ନାହିଁ । ଏହି ପାର୍କରେ ଯେଉଁ ସବୁ କାର୍ଯ୍ୟ ହୋଇଥିଲା ତାହାର ରକ୍ଷଣାବେକ୍ଷଣ ନହେବାରୁ ଏହା ସବୁ ଭାଙ୍ଗି ପଡ଼ିଛି । ଏଥିରେ ବ୍ୟବହୃତ ସାମଗ୍ରୀଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଅଧିକାଂଶ ଲାଇଟ ଖରାପ ହୋଇଯାଇଛି । ଚଳନକ୍ଷମ କରିବାରେ ପୌରପାଳିକା ସମ୍ପୂର୍ଣ୍ଣ ବିଫଳ ହୋଇଛି । ଯେଉଁଠି ପାଇଁ ଚରମ୍ପା ପାର୍କ ଆଉ ଲୋକଙ୍କ ପାଇଁ ଆକର୍ଷଣ ହୋଇପାରି ନାହିଁ ।

ସେହିପରି ଭଦ୍ରକ ସହରରେ ଥିବା ଅନ୍ୟ ୬ଟି ପାର୍କ ମଧ୍ୟରୁ ମାତ୍ର ଗୋଟିଏ ଦୁଇଟିକୁ ଛାଡି ଅନ୍ୟଗୁଡିକ ପ୍ରାୟ ଅଚଳ ହୋଇ ପଡ଼ିଥିବା ଜଣାପଡିଛି । ପାର୍କ ନିର୍ମାଣ ପରେ ପୌରପାଳିକା ସେଗୁଡିକର ରକ୍ଷଣାବେକ୍ଷଣ ଆଳରେ ନିଯୁକ୍ତିକୁ ଗୁରୁତ୍ୱ ଦେଇଥିଲେ ମଧ୍ୟ ପାର୍କଗୁଡ଼ିକର ସୌନ୍ଦର୍ଯ୍ୟ କାରଣ ଦିଗରେ ଅର୍ଥ ଖର୍ଚ୍ଚ କରିନାହ । ପୌର ପାର୍କ ଗୁଡ଼ିକର ପୁନରୁଦ୍ଧାର ପାଇଁ କୌଣସି ଆନ୍ତରିକତା ନାହିଁ । ଭଦ୍ରକ ପୌରପାଳିକା ଦୀର୍ଘ ଦିନ ହେଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ନଥିବାରୁ ଉପଜିଲ୍ଲାପାଳ ଏହାର ଦାୟିତ୍ୱରେ ରହିଛନ୍ତି । ଉପଜିଲ୍ଲାପାଳ ଭଦ୍ରକ ପୌର ଦାୟିତ୍ୱନେବା ପରେ ପୌରପାଳିକାର ପାର୍କର ଆକର୍ଷଣ ପାଇଁ କିଛି ଯୋଜନା ନକରିବା ପରିତାପର ବିଷୟ ହେଉଛି । ସହରବାସୀଙ୍କ ସାମଗ୍ରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଟିଏ ସ୍ଥାନରେ ଏହି ଅର୍ଥ ବିନିଯୋଗ କରି ଏକ ସୁନ୍ଦର ପାର୍କ ନିର୍ମାଣ କରାଯାଉ ବୋଲି ଭଦ୍ରକ ଜିଲ୍ଲାର ବରିଷ୍ଠ ନାଗରିକମାନେ ଦାବି କରିଛନ୍ତ । ଚରମ୍ପାର ରହିଥିବା ଅମୃତ ପାର୍କ ଓ ଏହି ପାର୍କକୁ ଲାଗି ଥିବା ପୋଖରୀର ବୋଟିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦାବି ହୋଇଛି । ଯେଉଁ ବୋଟ ଗୁଡ଼ିକ ଏଠାରେ ଅଚଳ ହୋଇପଡିଛି । ତାହାକୁ ସଚଳ କରାଯାଇ ଲୋକଙ୍କୁ ବୋଟିଂ ସୁଯୋଗ ଦିଆଯାଉ ବୋଲି ଚରମ୍ପା ବାସୀ ଦାବି କରିଛନ୍ତି ।

